# ସତ୍ୟବାଣୀ

# THE WORD OF TRUTH

JULY & AUGUST - 2009

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By

Joshua & Kabita Gootam.

# CHURCH OF CHRIST

P.O.Box.No.80, Kakinada
A.P.- 533 001.
Ph: 0884 - 2363722.

**Vol. 14. Jul & Aug- 2009. No-4.**

Published every two months in Oriya language for the Restoration of pure New Testment Christanity.

Hear **SATYA VANI** Oriya Radio Programme on
Radio Srilanka
Every Sunday at 6:45 a.m.

Write for free Bible Correspondence Course in Telugu & Oriya to:

The Director
Bible Correspondence Course
P.O.Box.80, Kakinada - 533 001

# ସତ୍ୟବାଣୀ

# VOICE OF TRUTH

VOL - XIV KAKINADA JUL-AUG-2009

## ଖ୍ରୀଷ୍ଟଙ୍କ ରକ୍ତରେ ଶକ୍ତି ଅଛି

## (There is power in the Blood of Christ)

ପ୍ରତ୍ୟେକଙ୍କୁ ରକ୍ତ ଏତେ ମଧୁର ଭାବ ନୁହେଁ । କାରଣ ଏହା ଆଘାତ କିମ୍ୱା ମୃତ୍ୟୁ ସହିତ ଜଡ଼ିତ । ଧର୍ମ ଜଗତରେ ଅନେକେ ରକ୍ତର ପ୍ରାଧାନ୍ୟତାକୁ ଗୁରୁତ୍ୱ ଦିଅନ୍ତି ନାହିଁ ।

ପୁରାତନ ନିୟମରେ ମନୁଷ୍ୟର ପାପମୋଚନ ନିମନ୍ତେ ପଶୁବଳିର ଆବଶ୍ୟକ ଥିଲା । ରକ୍ତ ହିଁ ଜୀବନ । ତେଣୁକରି ରକ୍ତପାନ ନିଷେଧ କରାଯାଏ । ବାକ୍ୟ କହେ, ''କାରଣ ରକ୍ତରେ ପ୍ରାଣୀର ପ୍ରାଣ ଥାଏ, ପୁଣି ତୁମ୍ଭମାନଙ୍କ ପ୍ରାଣ ନିମନ୍ତେ ପ୍ରାୟଶ୍ଚିତ୍ତ କରିବାକୁ ଆମ୍ଭେ ତାହା ବେଦୀ ଉପରେ ତୁମ୍ଭମାନଙ୍କୁ ଦେଇଅଛୁ, ଯେହେତୁ ପ୍ରାଣର ଗୁଣରେ ରକ୍ତ ହିଁ ପ୍ରାୟଶ୍ଚିତ କରଇ ! ଏ ହେତୁ ଆମ୍ଭେ ଇସ୍ରାଏଲ ସନ୍ତାନଗଣକୁ କହିଲୁ, ତୁମ୍ଭମାନଙ୍କ ମଧ୍ୟରୁ କୌଣସି ପ୍ରାଣୀ ରକ୍ତ ଭୋଜନ କରିବ ନାହିଁ ଓ ତୁମ୍ଭମାନଙ୍କ ମଧ୍ୟରେ ପ୍ରବାସୀ କୌଣସି ବିଦେଶୀ ରକ୍ତ ଭୋଜନ କରିବ ନାହିଁ ।'' (ଲେବୀ ୧୭:୧୧,୧୨)

ପୁରାତନ ବ୍ୟବସ୍ଥା ରକ୍ତ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, ''କାରଣ ମୋଶା ଲୋକମାନଙ୍କ ନିକଟରେ ବ୍ୟବସ୍ଥାନୁଯାୟୀ ସମସ୍ତ ଆଜ୍ଞା ପ୍ରକାଶ କଲା ଉତ୍ତାରେ ଜଳ, ଲୋହିତ ବର୍ଣ୍ଣ ମେଷଲୋମ ଓ ଏଜୋବ ସହିତ ଗୋବତ୍ସ ଓ ଛାଗର ରକ୍ତ ଘେନି ନିୟମ ପୁସ୍ତକ ଓ ସମସ୍ତ ଲୋକଙ୍କ ଉପରେ ସେଚନ କରି କହିଲେ, ଈଶ୍ୱର ତୁମ୍ଭମାନଙ୍କ ସମ୍ୱନ୍ଧରେ ଯେଉଁ ନିୟମ ଆଦେଶ କରିଅଛନ୍ତି, ସେହି ନିୟମର ରକ୍ତ ଏହି । ଆହୁରି ମଧ୍ୟ ସେ ତମ୍ବୁ ଓ ପରିଚାର୍ଯ୍ୟାର ସମସ୍ତ ପାତ୍ର ଉପରେ

ସେହିପରି ରକ୍ତ ସେଚନ କଲେ । ପୁଣି ବ୍ୟବସ୍ଥା ଅନୁସାରେ ପ୍ରାୟ ସମସ୍ତ ବିଷୟ ରକ୍ତ ଦ୍ୱାରା ଶୁଚୀକୃତ ହେବାର ଆବଶ୍ୟକ ଥିଲା, କିନ୍ତୁ ସ୍ୱର୍ଗୀୟ ବିଷୟଗୁଡ଼ିକ ତ ଏନି ସବୁଠାରୁ ଶ୍ରେଷ୍ଠତର ବଳିଦାନ ଦ୍ୱାରା ଶୁଚୀକୃତ ହେବାର ଆବଶ୍ୟକ ।'' (ଏବ୍ରୀ ୯:୧୯-୨୨) । ମହାଯାଜକ ବର୍ଷକୁ ଥରେ ମହାପବିତ୍ର ସ୍ଥାନରେ ଆପଣାର ଓ ଲୋକମାନଙ୍କର ଅଜ୍ଞାନକୃତ ପାପ ନିମନ୍ତେ ରକ୍ତ ନେଇ ପ୍ରବେଶ କରୁଥିଲେ । (ଏବ୍ରୀ ୯:୭) । ''ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ, ଏହା ଅସମ୍ଭବ ।'' (ଏବ୍ରୀ ୧୦:୪)

ଯଦିଓ ବଳିପଶୁ ନିତାନ୍ତ ଆବଶ୍ୟକ ଥିଲା, ତଥାପି ସେଗୁଡ଼ିକ ପଶୁ ମାତ୍ର । ଏକ ସିଦ୍ଧ ବଳିର ଆବଶ୍ୟକତା ପଡ଼ିଲା । ପଶୁର ରକ୍ତ, ସିଦ୍ଧ ରକ୍ତର ସାଦୃଶ୍ୟ ଥିଲା । ପଶୁର ରକ୍ତରେ ପାପମୋଚନ ନାହିଁ, ମନୁଷ୍ୟ ଆପେ ଆପଣାକୁ ପାପରୁ ମୁକ୍ତ କରିପାରେ ନାହିଁ, ତେବେ କିଏ ମନୁଷ୍ୟର ପାପମୋଚନ କରିପାରିବ ? ତାହା କେବଳ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସାଧ୍ୟ ହେଲା, କାରଣ ସେ ପାପରହିତ ଜୀବନଯାପନ କରିଥିଲେ । (୧ମ ପିତର ୨:୨୨) । ନିଷ୍ପାପୀ ଯୀଶୁଖ୍ରୀଷ୍ଟ ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥା ପାଳନ କରିଥିଲେ, ପ୍ରଲୋଭନର ବଶ ହୋଇ ନ ଥିଲେ ଏବଂ ମାନବ ଜଗତର ପାପ ନିମନ୍ତେ କ୍ରୁଶରେ ମୃତ୍ୟୁଭୋଗ କରିଥିଲେ । ପଶୁର ରକ୍ତ କିଅବା ପୁରାତନ ବ୍ୟବସ୍ଥା ଦ୍ୱାରା ପାପମୋଚନ ହୁଏ ନାହିଁ । ପ୍ରେରିତ ପାଉଲ କହନ୍ତି,''କିନ୍ତୁ ଯେପରି ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ହେତୁ ପ୍ରତିଜ୍ଞା ବିଶ୍ୱାସ କରୁଥିବା ଲୋକମାନଙ୍କୁ ଦିଆଯାଏ, ଏଥିପାଇଁ ଧର୍ମଶାସ୍ତ୍ର ସମସ୍ତ ବିଷୟକୁ ପାପର ଅଧିନ ବୋଲି ଗଣନା କରିଅଛି, ମାତ୍ର ସେହି ବିଶ୍ୱାସ ଆସିବା ପୂର୍ବେ ପ୍ରକାଶିତ ହେବାକୁ ଯାଉଥିବା ଲୋକମାନଙ୍କୁ ଦିଆଯାଏ, ଏଥିପାଇଁ ଧର୍ମଶାସ୍ତ୍ର ସମସ୍ତ ବିଷୟକୁ ପାପର ଅଧିନରେ ବନ୍ଦୀ ହୋଇଥିଲୁ । ଏହି ପ୍ରକାର ବିଶ୍ୱାସ ହେତୁ ଆମ୍ଭମାନଙ୍କର ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ହୋଇଥିଲା । କିନ୍ତୁ ଏବେ ସେହି ବିଶ୍ୱାସ ଉପସ୍ଥିତ ହେଲା ପରେ ଆମ୍ଭେମାନେ ସେହି ଶିକ୍ଷକ ଅଧୀନରେ ନାହୁଁ ।'' (ଗାଲାତୀ ୩:୨୨-୨୫) । ବ୍ୟବସ୍ଥାର କ୍ରିୟାକର୍ମ କିଅବା ସ୍ୱଧର୍ମକ୍ରିୟା କର୍ମ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇପାରିବା ନାହିଁ । ଏହି ବିଷୟରେ ପାଉଲ ତିତସଙ୍କୁ ଲେଖନ୍ତି,''ପୂର୍ବେ ଆମ୍ଭେମାନେ ମଧ୍ୟ ନିର୍ବୋଧ, ଅବାଧ୍ୟ, ଭ୍ରାନ୍ତ ପୁଣି ନାନା ପ୍ରକାର କୁଅଭିଳାଷ ଓ ସୁଖଭୋଗର ଦାସ ଥିଲୁ । ହିଂସା ଓ ଇର୍ଷାରେ କାଳକ୍ଷେପଣ କରୁଥିଲୁ,

ଆଉ ଘୃଣାର ପାତ୍ର ହୋଇ ପରସ୍ପରକୁ ଘୃଣା କରୁଥିଲୁ । କିନ୍ତୁ ଯେତେବେଳେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୟା ଓ ମାନବଜାତି ପ୍ରତି ତାହାଙ୍କ ପ୍ରେମ ପ୍ରକାଶିତ ହେଲା, ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ପୁନଃଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି । ସେହି ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚୁର ରୂପେ ଆମ୍ଭମାନଙ୍କ ଉପରେ ଢାଳି ଦେଲେ । ଯେପରି ଆମ୍ଭେମାନେ ତାହାଙ୍କ ଅନୁଗ୍ରହରେ ଧାର୍ମିକ ଗଣିତ ହୋଇ ଭରସାନୁସାରେ ଅନନ୍ତ ଜୀବନର ଅଧିକାରୀ ହେବୁ ।'' (ତିତ ୩:୩-୭) ।

ଆମ୍ଭେମାନେ ରୂପା କିଅବା ସୁନା ପ୍ରଭୃତି ମୂଲ୍ୟବାନ ବସ୍ତୁ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇନାହୁଁ । ''ଯେଣୁ ତୁମ୍ଭେମାନେ ଜାଣ ଯେ, ତୁମ୍ଭମାନଙ୍କ ପିତୃପୁରୁଷମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚାର ବ୍ୟବହାରରୁ ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନ ହୋଇ, ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ୍ୟ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ ।'' (୧ମ ପିତର ୧:୧୮,୧୯) । ମନୁଷ୍ୟ ଜୀବନରେ ଅନେକ ଜିନିଷ ମୂଲ୍ୟ ଦେଇ କିଅବା ଲାଞ୍ଚ ନେଇ ପ୍ରାପ୍ତ ହୋଇପାରେ କିନ୍ତୁ ସେ ପରିତ୍ରାଣ କିଣି ନ ପାରେ ବା ଲାଞ୍ଚ ଦେଇ ପ୍ରାପ୍ତ ହୋଇ ନ ପାରେ । ତେଣୁକରି ଆମ୍ଭେମାନେ ଏହି ଜାଗତିକ ବିଷୟରେ ଭରସା ନ ରଖୁ । ଶେଷରେ ମନୁଷ୍ୟମାନଙ୍କ ସ୍ୱନୀତି ଓ ସ୍ୱଧର୍ମ ସେମାନଙ୍କ ପରିତ୍ରାଣ ସାଧନ କରିପାରେ ନାହିଁ । ଯୀଶୁ କହିଲେ, ''ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି'' (ମାଥିଉ ୧୫:୯) । ଆମ୍ଭେମାନେ ଯେବେ ଭ୍ରଷ୍ଟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜଣାଉ ତାହାର ଦୁଷ୍କର୍ମର ସହଭାଗୀ ହେଉ (୨ ଯୋହନ ୧୧) । ଯେଉଁମାନେ ବିଭେଦର ବୀଜ ବୁଣନ୍ତି, ସେମାନେ ଯୀଶୁଖ୍ରୀଷ୍ଟଙ୍କ ସେବକ ନୁହନ୍ତି । (ରୋମୀୟ ୧୬:୧୭,୧୮)

ପାପରୁ ମୁକ୍ତ ହେବା ନିମନ୍ତେ ଏକମାତ୍ର ମାର୍ଗ ଅଛି - ତାହା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଢଳାଯାଇଥିବା ରକ୍ତ । ଖ୍ରୀଷ୍ଟଙ୍କ ରକ୍ତରେ ବାହୁଲ୍ୟତା ନେଇ ଆମ୍ଭେମାନେ ଅନେକ ଶାସ୍ତ୍ରର ବାକ୍ୟ ପଢ଼ିଥାଉ । ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଶାନ୍ତି ସ୍ଥାପିତ ହୋଇଅଛି ଓ ଆମ୍ଭେମାନେ ପିତା ପରମେଶ୍ୱରଙ୍କ ସହ ମିଳିତ ହେବାର ରାସ୍ତା ଖୋଲାଯାଇଅଛି । ପାଉଲ କହନ୍ତି,''କାରଣ ଈଶ୍ୱରଙ୍କର ସନ୍ତୋଷ ହେଲା ଯେ, ତାହାଙ୍କ ଠାରେ ସମସ୍ତ

ପୂର୍ଣ୍ଣତା ବାସ କରିବ । ପୁଣି, ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନ କରି ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି, ହଁ, ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି ।" (କଲସୀ ୧:୧୯,୨୦) ପରମେଶ୍ୱରଙ୍କ ଠାରୁ ଦୂରରେ ଥିବା ଏଫିସୀମାନେ, ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ନିକଟସ୍ଥ ହୋଇଅଛନ୍ତି ବୋଲି ପାଉଲ ଏଫିସୀ ୨:୧୩-୧୪ରେ ଲେଖିଅଛନ୍ତି । ପୁରାତନ ନିୟମ ଯାହାକି ବିଜାତୀୟ ଓ ଯିହୂଦୀମାନଙ୍କ ମଧ୍ୟରେ ପ୍ରାଚୀର ରୂପେ ଥିଲା, ତାହା ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଭଙ୍ଗାଯାଇ ଉଭୟଙ୍କୁ ଏକ କରିଅଛନ୍ତି (ଏଫିସୀ ୨:୧୩-୧୭) ।

ଖ୍ରୀଷ୍ଟଙ୍କ ରକ୍ତ ବିଷୟରେ ପାଉଲ ଏଫିସୀ ଖ୍ରୀଷ୍ଟିୟାନଙ୍କୁ ଲେଖନ୍ତି, "ତାହାଙ୍କ ଅନୁଗ୍ରହରୂପ ନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କ ଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧସବୁର କ୍ଷମା ପ୍ରାପ୍ତ ହୋଇଅଛୁ ।" (ଏଫିସୀ ୧:୭) ଏହି ବିଷୟରେ ସେ କଲସୀ ମଣ୍ଡଳୀକୁ ଜଣାନ୍ତି, "ତାହାଙ୍କ ଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ । ଶତ୍ରୁ ହସ୍ତରେ ସମର୍ପିତ ହେବା ରାତ୍ରୀ ସେ ଶିଷ୍ୟମାନଙ୍କୁ କହିଲେ,"......ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହୋଇଅଛି, ଏ ମୋହର ସେହି ରକ୍ତ ।" (ମାଥିଉ ୨୬:୨୮) ଯେଉଁମାନେ ରକ୍ତ ଦ୍ୱାରା ପରିତ୍ରାଣ ପାଆନ୍ତି, ସେମାନେ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭) । ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କୁ ପ୍ରେରିତ ପାଉଲ କହିଲେ, "ତୁମ୍ଭେମାନେ ନିଜ ନିଜ ବିଷୟରେ ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ନିଜ ରକ୍ତରେ କ୍ରୟ କରିଅଛନ୍ତି, ତାହାଙ୍କର ସେହି ମଣ୍ଡଳୀକି ପ୍ରତିପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପ ନିଯୁକ୍ତ କରିଅଛନ୍ତି, ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ ।" (ପ୍ରେରିତ ୨୦:୨୮) । ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀ ନିମନ୍ତେ ରକ୍ତ ଢାଳିଥିଲେ । ମଣ୍ଡଳୀର ସ୍ଥାପନ ନିମନ୍ତେ, ଖ୍ରୀଷ୍ଟଙ୍କ ରକ୍ତର ଆବଶ୍ୟକତା ଥିଲା । ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଧୌତ ହୋଇଅଛନ୍ତି । (୧ମ ଯୋହନ ୧:୭) । ସପ୍ତାହର ପ୍ରଥମ ଦିନରେ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କ ରକ୍ତ ସ୍ମରଣ କରନ୍ତି । (ପ୍ରେରିତ ୨୦:୭, ୧ମ କରିନ୍ଥୀ ୧୧:୨୩-୨୯)

ଖ୍ରୀଷ୍ଟରେ ପ୍ରିୟ ବନ୍ଧୁ, ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ କ୍ରୁଶରେ ବଳି ହୋଇ, ଆମ୍ଭମାନଙ୍କ ନିମନ୍ତେ ରକ୍ତ ଢାଳିଥିଲେ । ତାହାଙ୍କ ରକ୍ତରେ ପାପମୋଚନ ହୁଏ ।

ପୁରାତନ ନିୟମର ଅନ୍ତ ହୋଇଅଛି । ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରି, ବିଶ୍ୱାସ, ମନ ପରିବର୍ତ୍ତନ କରି ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ରକ୍ତ ନିକଟକୁ ଯାଇପାରୁ । ତାହାଙ୍କ ରକ୍ତ ଦ୍ୱାରା ମଣ୍ଡଳୀ କ୍ରୀତ ହୋଇଅଛି । ଖ୍ରୀଷ୍ଟଙ୍କ ଠାରେ ବିଶ୍ୱସ୍ତ ଜୀବନଯାପନ କଲେ ତାହାଙ୍କ ରକ୍ତ ଆମ୍ଭମାନଙ୍କୁ ସମସ୍ତ ରକ୍ତରୁ ଧୌତ କରୁଥାଏ । ସପ୍ତାହର ପ୍ରଥମ ଦିନରେ ଆମ୍ଭେମାନେ ପ୍ରଭୁଭୋଜ ପାଳନ କରିବା ସମୟରେ ତାହାଙ୍କ ବଳିଦାନ ସ୍ମରଣ କରୁ ।

ଆପଣ ବିଶ୍ୱାସ କରି ପାପରୁ କ୍ଷମା ପାଇବା ନିମନ୍ତେ ଖ୍ରୀଷ୍ଟ ମରଣ ଭୋଗିଲେ । ଆପଣ କି ତାହାଙ୍କ ଆଜ୍ଞାବହ ହୋଇଅଛନ୍ତି ? ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଯେଉଁ ପରିତ୍ରାଣ ସାଧନ କରିଅଛନ୍ତି, ତାହା ପ୍ରାପ୍ତ ନ ହେବା, କେତେ ଦୁର୍ଭାଗ୍ୟର ବିଷୟ !

*- J.C. Choate*

❋❋❋

# ଶିମୋନ ପିତର – I
## (Simon Peter - I)

ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତଗଣ ମଧ୍ୟରେ ପିତରଙ୍କ ସ୍ଥାନ ଅଗ୍ରଗଣ୍ୟ । "ସେ ଗାଲିଲୀ ସମୁଦ୍ର କୂଳରେ ଭ୍ରମଣ କରୁଥିବା ସମୟରେ ଶିମୋନ, ଯାହାଙ୍କୁ ପିତର ବୋଲି କହନ୍ତି, ଆଉ ତାହାଙ୍କ ଭାଇ ଆନ୍ଦ୍ରିୟ, ଏହି ଦୁଇ ଭାଇଙ୍କୁ ସମୁଦ୍ରରେ ଭଉଁରୀ ଜାଲରେ ପକାଉଥିବା ଦେଖିଲେ, କାରଣ ସେମାନେ ମତ୍ସ୍ୟଜୀବୀ ଥିଲେ । ସେ ସେମାନଙ୍କୁ କହିଲେ, ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମତ୍ସ୍ୟ ଧରିବା ଶିଖାଇବି । ସେଥିରେ ସେମାନେ ସେହିକ୍ଷଣି ଜାଲ ଛାଡ଼ି ତାହାଙ୍କର ଅନୁଗମନ କଲେ ।" (ମାଥିଉ ୪:୧୮-୨୦)

ଶିମୋନ ଏକ ଏବ୍ରୀ ନାମ । ସେ ଶିମୋନ ପିତର ନାମରେ ସୁପରିଚିତ ଏବଂ ପିତର ଏକ ଗ୍ରୀକ୍ ପଦ ଯାହାର ଅର୍ଥ ପଥର ବା ଗୋଡ଼ି । ଆନ୍ଦ୍ରିୟ ପିତରଙ୍କୁ ଯୀଶୁଙ୍କ ନିକଟକୁ ଆଣିବା ସମୟରେ ଯୀଶୁ ପିତରଙ୍କୁ କହିଲେ, "......ତୁମ୍ଭେ ଯୋହନଙ୍କ ପୁତ୍ର ଶିମୋନ । ତୁମ୍ଭେ କେଫା (ଅନୁବାଦ କଲେ ଏହାର ଅର୍ଥ ପିତର)

ନାମରେ ଖ୍ୟାତ ହେବ । (ଯୋହନ ୧:୪୨) କେଫା ଆରବିକ୍ ଭାଷାରୁ ଆନୀତ । ପ୍ରେରିତମାନଙ୍କର ଏକାଧିକ ନାମ ଆମ୍ଭେମାନେ ବାକ୍ୟରେ ପଢ଼ିପାରୁଥାଉ । ଶାଉଲ ପାଉଲଙ୍କ ନାମରେ ପରିଚିତ ହେଲେ । ଥୋମା ଦିଦିମ ନାମରେ ମଧ୍ୟ ଖ୍ୟାତ ଥିଲେ ।

ପିତରଙ୍କ ପିତାଙ୍କ ନାମ ଯୋହନ ଓ ମାତାଙ୍କ ନାମ ଯୋହନା । ଆନ୍ଦ୍ରିୟ ତାଙ୍କ ଭାଇ ଥିଲେ । ୧ମ କରିନ୍ଥୀ ୯:୫ ପଦରୁ ସେ ବିବାହିତ ଥିଲେ ବୋଲି ଜାଣିପାରୁ । ପିତର ବ୍ୟବସାୟରେ ମତ୍ସ୍ୟଜୀବୀ ଥିଲେ । ସେ ମତ୍ସ୍ୟ ନିମନ୍ତେ ଜାଲ ବିଛାଇବା ସମୟରେ ଯୀଶୁ ତାହାଙ୍କୁ ଆହ୍ୱାନ କରିଥିଲେ । ଯୀଶୁଙ୍କ ଆହ୍ୱାନର ଆଜ୍ଞାବହ ହୋଇ ତାହାଙ୍କ ଅନୁସରଣ କରିଥିଲେ । ସେ ଗାଲିଲୀର ବେଥ୍‌ସେଦାବାସୀ, ତତ୍‌ପରେ ସେ କର୍ପନାହୂମରେ ନିବାସୀ ହେଲେ । ପ୍ରେରିତ ୪:୧୩ ପଦରୁ ସେ ଉଚ୍ଚ ଶିକ୍ଷିତ ନ ଥିଲେ ବୋଲି ଜାଣିପାରୁ । ତଥାପି ପୁନଃରୁଥାନ ପରେ ସେ ସାହସ ସହିତ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାର କରିଥିଲେ ।

ପ୍ରେରିତମାନଙ୍କ ନାମ ତାଲିକାରେ ପିତର ନାମ ଅଗ୍ରଗଣ୍ୟ । ସେ ଖ୍ରୀଷ୍ଟଙ୍କ ଅତି ନିକଟବର୍ତ୍ତୀ ପ୍ରେରିତ ମାନଙ୍କ ମଧ୍ୟରୁ ଜଣେ । ତାହାଙ୍କ ଲିଖିତ ଦୁଇଟି ପତ୍ର ନୂତନ ନିୟମରେ ସ୍ଥାନ ପାଇଅଛି । ମାର୍କଙ୍କ ଲିଖିତ ସୁସମାଚାର ପିତରଙ୍କ ପ୍ରଭାବ ଦ୍ୱାରା ଲିଖିତ ହୋଇଥିଲା ବୋଲି ଅନେକ ମନେ କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ଏହି ମହାନ ଶିଷ୍ୟ, ତୁମ ଆମ ପରି ସାମାନ୍ୟ ମନୁଷ୍ୟ ଥିଲେ ।

"ମୋତେ ଅନୁସରଣ କର, ମୁଁ ତୁମକୁ ମନୁଷ୍ୟ ଧରାଇବା ଶିଖାଇବି" ବୋଲି ଯୀଶୁ ପିତରଙ୍କୁ କହିଥିଲେ । ପ୍ରେରିତମାନଙ୍କୁ ଯୀଶୁଖ୍ରୀଷ୍ଟ ସୁସମାଚାରର ଏକ ମହାନ ସେବକ ରୂପେ ପ୍ରସ୍ତୁତ କରିଥିଲେ । ମନୁଷ୍ୟମାନଙ୍କୁ ଧରିବା ବୃତ୍ତି ଶିଖିବା ନିମନ୍ତେ ପିତରଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ସେ ଆପଣାକୁ ନତ କରି ଖ୍ରୀଷ୍ଟଙ୍କ ଶିକ୍ଷାରେ ଆପଣାକୁ ସୁପ୍ରସ୍ତୁତ କରିଥିଲେ । ଯୀଶୁଙ୍କର ପ୍ରେରିତମାନଙ୍କ ପ୍ରତି ପ୍ରତ୍ୟେକ ପ୍ରଶ୍ନକୁ ସେ ପ୍ରଥମେ ଜବାବ ଦେଉଥିଲେ । (ମାର୍କ ୮:୨୯) । ଶିଷ୍ୟମାନଙ୍କ ତରଫରୁ ସେ ଖ୍ରୀଷ୍ଟଙ୍କୁ ସାହସ ସହ ପ୍ରଶ୍ନ କରୁଥିଲେ (ମାର୍କ ୧୦:୨୮)

"ସେହି ସମୟ ଠାରୁ ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ବୁଝାଇବାକୁ ଲାଗିଲେ ଯେ, ତାହାଙ୍କୁ ଅବଶ୍ୟ ଯିରୁଶାଲମକୁ ଯିବାକୁ ହେବ ଏବଂ ପ୍ରାଚୀନ, ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ହସ୍ତରୁ ବହୁତ ଦୁଃଖ ଭୋଗ କରି ହତ ହେବାକୁ ହେବ, ପୁଣି ତୃତୀୟ

ଦିବସରେ ଉତ୍ଥିତ ହେବାକୁ ହେବ । ପିତର ତାହାଙ୍କୁ ଗୋଟିଏ ପାଖକୁ ଘେନିଯାଇ ଅନୁଯୋଗ କରି କହିବାକୁ ଲାଗିଲେ, "ହେ ପ୍ରଭୁ ! ଈଶ୍ୱର ତୁମ୍ଭଙ୍କୁ ଦୟା କରନ୍ତୁ, ଏହା ଆପଣଙ୍କ ପ୍ରତି କେବେ ହେଁ ନ ଘଟୁ ।" କିନ୍ତୁ ସେ ବୁଲିପଡ଼ି ପିତରଙ୍କୁ କହିଲେ, ମୋ ଆଗରୁ ଦୂର ହୁଅ, ଶୟତାନ, ତୁମ୍ଭେ ମୋର ବିଘ୍ନ ସ୍ୱରୂପ, କାରଣ ତୁମ୍ଭେ ଈଶ୍ୱରଙ୍କ ବିଷୟ ନ ଭାବି ମନୁଷ୍ୟର ବିଷୟ ଭାବୁଅଛ ।" (ମାଥିଉ ୧୬:୨୧-୨୩)

ଇଷ୍କାରିଥ୍ ଯିହୂଦାଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ ଶତ୍ରୁ ହସ୍ତରେ ସମର୍ପିତ ହେବା ସମୟରେ, ପିତର ଏକତ୍ରିତ ଜନତା ମଧ୍ୟରୁ ପ୍ରଧାନ ଯାଜକଙ୍କ ଦାସର କାନ ଆଘାତ କରି କାଟି ପକାଇଲେ । ସେଥିରେ ଯୀଶୁ ତାହାଙ୍କୁ କହିଲେ,"ଯେଉଁମାନେ ଖଡ୍‌ଗ ଧାରଣ କରନ୍ତି, ସେମାନେ ସମସ୍ତେ ଖଡ୍‌ଗ ଦ୍ୱାରା ବିନଷ୍ଟ ହେବେ ।" (ମାଥିଉ ୨୬:୪୧-୫୪) ।

"ଯଦ୍ୟପି ସମସ୍ତେ ଆପଣଙ୍କ ଠାରେ ବିଘ୍ନ ପାଇବେ ତଥାପି ମୁଁ କେବେ ହେଁ ପାଇବି ନାହିଁ" ବୋଲି ଯୀଶୁଙ୍କୁ କହିଥିବା ପିତର, ଯୀଶୁ ଶତ୍ରୁମାନଙ୍କ ହସ୍ତରେ ସମର୍ପିତ ହେବା ତତ୍‌କ୍ଷଣାତ୍ ତାହାଙ୍କୁ ତିନିଥର ସ୍ୱୀକାର କରିଥିଲେ । (ମାଥିଉ ୨୬:୩୩-୩୩, ଲୂକ ୨୨:୬୨) । କିନ୍ତୁ କିଛିକ୍ଷଣ ପରେ ଆପଣା ପ୍ରଭୁଙ୍କ ବାକ୍ୟ ମନେ ପକାଇ ଅନୁତପ୍ତ ହୋଇ ରୋଦନ କରି ମନ ପରିବର୍ତ୍ତନ କରିଥିଲେ । ଏପରି ଭାବେ ପିତର ନମ୍ରତା ଶିକ୍ଷା କରିଥିଲେ ।

ତାହା କେବଳ ନୁହେଁ, ଆପଣା ଭାଇକୁ ଆପଣା ପ୍ରତିବାସୀକୁ କ୍ଷମା କରିବାକୁ ଗୁଣ ମଧ୍ୟ ପିତର ଆପଣା ପ୍ରଭୁଙ୍କ ଦ୍ୱାରା ଶିକ୍ଷିତ ହୋଇଥିଲ । "ସେତେବେଳେ ପିତର ତାହାଙ୍କ ପାଖକୁ ଆସି ପଚାରିଲେ, ହେ ପ୍ରଭୁ, କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା ଦେବି ? ଯୀଶୁ ତାହାଙ୍କୁ କହିଲେ, ତୁମ୍ଭକୁ କେବଳ ସାତଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରୀ ଗୁଣ ସାତଥର ପର୍ଯ୍ୟନ୍ତ" (ମାଥିଉ ୧୮:୨୧,୨୩)

ପିତା ପରମେଶ୍ୱର ପ୍ରତ୍ୟେକ ଜାତିର ପ୍ରତ୍ୟେକ ମନୁଷ୍ୟକୁ ପ୍ରେମ କରନ୍ତି ବୋଲି ପିତର ଆପଣା ସେବା କାର୍ଯ୍ୟ ଦ୍ୱାରା ଶିକ୍ଷା କରିଥିଲେ । କର୍ଣ୍ଣଲୀୟ ଓ ତାହାଙ୍କ ପରିବାର ନିକଟରେ ଖ୍ରୀଷ୍ଟଙ୍କ ସୁସମାଚାର ପ୍ରଚାରିତ ହେବା ପର୍ଯ୍ୟନ୍ତ, କେବଳ

ଯିହୂଦୀମାନେ ପରମେଶ୍ୱରଙ୍କ ମନୋନୀତ ଗୋଷ୍ଠୀ ବୋଲି ସେ ବିଶ୍ୱାସ କରୁଥିଲେ । କିନ୍ତୁ ପ୍ରଭୁଙ୍କ ଦତ୍ତ ଦର୍ଶନ ଦ୍ୱାରା ଜଗତର ପ୍ରତ୍ୟେକ ମନୁଷ୍ୟ ପିତା ପରମେଶ୍ୱରଙ୍କ ନିକଟରେ ସମାନ ଏହି ଅଖଣ୍ଡ ସତ୍ୟ ସେ ବୁଝିବାକୁ ପାଇଥିଲେ, "ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେକେହି ତାହାଙ୍କୁ ଭୟ କରି ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ" ବୋଲି ପିତର ସାହସ ସହିତ ପ୍ରଚାର କରିଥିଲେ ।

ସ୍ୱର୍ଗରାଜ୍ୟ ଅଥବା ଖ୍ରୀଷ୍ଟଙ୍କ ମଣ୍ଡଳୀର ଦ୍ୱାର ମେଲା କରିବା ନିମନ୍ତେ ରାଜ୍ୟର କଞ୍ଚି କାଢ଼ି ପିତରଙ୍କୁ ଦତ୍ତ ହୋଇଥିଲା । ମାଥିଉ ୧୬ ଅଧ୍ୟାୟରେ, ଜନସମୂହ ଖ୍ରୀଷ୍ଟଙ୍କ ବିଷୟରେ କଅଣ କହନ୍ତି ? ଶିଷ୍ୟମାନେ ତାହାଙ୍କ ବିଷୟରେ କଅଣ ମନେ କରନ୍ତି ବୋଲି ଯୀଶୁ ଆପଣା ଶିଷ୍ୟମାନଙ୍କୁ ପଚାରିଥିଲେ । "ଶିମୋ ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ ଜୀବନ୍ତ ଈଶ୍ୱରଙ୍କ ପୁତ୍ର । ଏଥିରେ ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରିନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି । ଆଉ ମୁଁ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର ପୁଣି, ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି, ଆଉ ନରକର ବଳ ତାହାକୁ ପରାଜୟ କରିବ ନାହିଁ । ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ହେବ ।" (ମାଥିଉ ୧୬:୧୬-୧୯) ମାଥିଉ ୧୮:୧୮ ଏହି ଅଧିକାର ପ୍ରଭୁ ଆପଣା ସମସ୍ତ ଶିଷ୍ୟମାନଙ୍କୁ ଦେଇଥିଲେ ବୋଲି ଜାଣିପାରୁ ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପିତ ହେବା ପରେ, ଯିହୂଦୀମାନଙ୍କୁ ତଥା ବିଜାତୀୟମାନଙ୍କୁ ସେଥିରେ ପ୍ରବେଶିବାର ମାର୍ଗ ପିତର ପ୍ରଥମେ ପ୍ରକଟ କରିଥିଲେ । ପେଣ୍ଟିକଷ୍ଟ ଦିନରେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିଥିବା ଯିହୂଦୀମାନେ ମନପରିବର୍ତ୍ତନ କରି ବାପ୍ତିସ୍ମ ଗ୍ରହଣ କରି ପାପକ୍ଷମା ପ୍ରାପ୍ତ ହୋଇପାରିବେ ଯିହୂଦୀମାନଙ୍କୁ ପିତର ଜଣାଇଥିଲେ । ପ୍ରେରିତମାନଙ୍କ କାର୍ଯ୍ୟରେ ୧୦ମ ଅଧ୍ୟାୟରେ କର୍ଣ୍ଣଲୀୟ ଓ ତାହାଙ୍କ ପରିବାରକୁ ପରିତ୍ରାଣର ମାର୍ଗ ପ୍ରକଟ କରି, ତାହାଙ୍କ ଦତ୍ତ କଞ୍ଚିକାଠି ଦ୍ୱାରା ପିତର ସ୍ୱର୍ଗରାଜ୍ୟର ଦ୍ୱାର ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଦ୍ୱାର ମେଲା କରିଥିଲେ ।

ପୁନଃରୁତ୍ଥିତ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ ପିତରଙ୍କୁ ତଥା ଅନ୍ୟ ପ୍ରେରିତମାନଙ୍କୁ ଏକ ଶ୍ରେଷ୍ଠତମ ଆଜ୍ଞା ଦେଇଥିଲେ । ସେହି ଆଜ୍ଞା ସେମାନେ ଶୀରଧାର୍ଯ୍ୟ କରି ଆଜୀବନ ପ୍ରଭୁଙ୍କ ସୁସମାଚାର ପ୍ରଚାରରେ ବିତାଇଥିଲେ ।

*- Joshua Gootam*

❋❋❋

# ପରମେଶ୍ୱର ଆପଣଙ୍କୁ କଅଣ ଜାଣିବାକୁ ଓ କରିବାକୁ ଇଚ୍ଛା କରନ୍ତି ?

## (What God wants you to know and to do ?)

"ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କୁ ପ୍ରତିଫଳ ସ୍ୱରୂପେ କ୍ଳେଶ ଦେବା ଓ କ୍ଳେଶ ଭୋଗ କରୁଅଛ ଯେ, ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନଙ୍କ ସହିତ ବିଶ୍ରାମ ଦେବା, ଏହା ତ ଈଶ୍ୱରଙ୍କ ପକ୍ଷର ନ୍ୟାୟର ବିଷୟ । ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ । ଅର୍ଥାତ୍ ଯେଉଁଦିନ ସେ ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ ସମସ୍ତଙ୍କ ଦ୍ୱାରା ଚମତ୍କାରର ଦୃଶ୍ୟ ସ୍ୱରୂପ ହେବାକୁ ଆସିବେ (କାରଣ ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରିଅଛ) (୨ ଥେସ ୧:୬-୯) ।

ସୁସମାଚାର ଅବଜ୍ଞାକାରୀମାନେ ଦଣ୍ଡିତ ହେବେ ବୋଲି ଏହି ବାକ୍ୟ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରେ । ପ୍ରଶ୍ନ ଉଠେ, ସୁସମାଚାର କଅଣ ଅଟେ ଓ ତାହା କିପରି ପାଳନ କରାଯାଇପାରିବ ?

**ସୁସମାଚାରର ଅର୍ଥ :–** "ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚାର ପ୍ରଚାର କରିଥିଲି, ଯାହା ତୁମ୍ଭେମାନେ ପ୍ରଚାର କରିଥିଲ, ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛ, ମୁଁ କେଉଁ ପ୍ରକାରେ ତୁମ୍ଭମାନଙ୍କ ନିକଟରେ ତାହା ପ୍ରଚାର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି । ଯଦି ତୁମ୍ଭେମାନେ ତାହା ଦୃଢ଼ଭାବରେ

ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଇଅଛ, ନୋହିଲେ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଶିକ୍ଷା ମୁଁ ପାଇଥିଲି, ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯଥା, ଖ୍ରୀଷ୍ଟ ଶାସ୍ତ୍ର ଅନୁସାରେ ତୁମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗ କଲେ, ସମାଧି ପ୍ରାପ୍ତ ହେଲେ, ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ।'' (୧ମ କରିନ୍ଥୀ ୧୫:୧-୪ ଓ ଯିଶାଇୟ ୫୩)

ଆମ୍ଭମାନଙ୍କ ପାପର ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା । ପାଉଲ, ରୋମୀୟ ମଣ୍ଡଳୀକୁ ଲେଖନ୍ତି, ''କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।'' (ରୋମୀୟ ୬:୨୩) । ''କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁ ଭୋଗ କରିବ ନାହିଁ - ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରିପାରେ, କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ରୋମୀୟ ୫:୬-୮)

ଯଥାଶୀଘ୍ର କି ମନୁଷ୍ୟ ସୁସମାଚାରର ଆଜ୍ଞାବହ ହେବା ଆବଶ୍ୟକ ? ହଁ ନିଶ୍ଚିତ ଭାବେ । କାରଣ :-

**ଜୀବନର ଅନିଶ୍ଚତତା :–** ମନୁଷ୍ୟର ଜୀବନ କ୍ଷଣ ମାତ୍ର । ରୋଗ କିଅବା ଆକସ୍ମିକ ଦୁର୍ଘଟଣା ଦ୍ୱାରା ଆମ୍ଭେମାନେ ଅକସ୍ମାତ୍ ମୃତ୍ୟୁ ଭୋଗିବାର ସମ୍ଭାବନା ରହିଥାଏ । ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି, ''ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ.....'' (୯:୨୭) ଭୋଗେ ।

**୨. ଖ୍ରୀଷ୍ଟଙ୍କ ୨ୟ ଆଗମନ :–** ଖ୍ରୀଷ୍ଟ ଏହି ଜଗତକୁ ପୁନର୍ବାର ଏକ ବିଚାରକର୍ତ୍ତା ରୂପେ ଫେରି ଆସୁଅଛନ୍ତି । ତାହାଙ୍କ ୨ୟ ଆଗମନ ସମୟ କେହି ଜାଣନ୍ତି ନାହିଁ । ତେଣୁକରି ପ୍ରତ୍ୟେକ ପ୍ରସ୍ତୁତ ହୋଇ ରହିବା ଆବଶ୍ୟକ । ପାଉଲ କହନ୍ତି, ''କାରଣ ରାତ୍ରୀରେ ଚୋର ଆସିଲା ପରି ପ୍ରଭୁଙ୍କ ଦିନ ଯେ ଆସିବ......'' (୧ମ ଥେସ ୫:୨), ଏହା ମନେରଖୁ ।

ସୁସମାଚାରର ପ୍ରତିରୋଧ ନ କର :– ଯେଉଁମାନେ ସୁସମାଚାରର ପ୍ରତିରୋଧ କରନ୍ତି ସେମାନେ ନିଶ୍ଚିତ ଭାବେ ଦଣ୍ଡିତ ହେବେ । ପ୍ରେରିତ ପାଉଲ ଗାଲାତୀ ମଣ୍ଡଳୀକୁ ଲେଖନ୍ତି, ''ଯେଉଁ ସୁସମାଚାର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ, ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହେଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ସେ ଶାପଗ୍ରସ୍ତ ହେଉ ।'' (ଗାଲାତୀ ୧:୮)

**କିଏ ସୁସମାଚାର ଆଜ୍ଞାବହ ହେବା ଆବଶ୍ୟକ ?**

୧) ଯେଉଁମାନେ ପୁନଃଜନ୍ମିତ ହେବାକୁ ଇଚ୍ଛୁକ ପ୍ରତ୍ୟେକ ସୁସମାଚାରର ଆଜ୍ଞାବହ ହେବା ଆବଶ୍ୟକ । ବିନାଶ ପ୍ରାପ୍ତ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ସୁସମାଚାରର ଆଜ୍ଞାବହ ହେବା ଆବଶ୍ୟକ । ଖ୍ରୀଷ୍ଟଙ୍କୁ ଆପଣା ହୃଦୟରେ ତ୍ରାଣକର୍ତ୍ତା ବୋଲି ଗ୍ରହଣ କରିବା ମାତ୍ରେ ମନୁଷ୍ୟ ପରିତ୍ରାଣ ପାଇପାରେ ନାହିଁ । କିନ୍ତୁ ସୁସମାଚାର ଆଜ୍ଞାବହ ହେବା ଆବଶ୍ୟକ ।

୨) **ଛିଞ୍ଚା ବାପ୍ତିସ୍ମରେ ବାପ୍ତିଜିତ ହେବା ପ୍ରତ୍ୟେକେ :–** ବାପ୍ତିସ୍ମର ଅର୍ଥ ଜଳର ସମାଧି । (ରୋମୀ ୬:୩-୭, କଲସୀ ୨:୧୨, ଯୋହନ ୩:୨୩) । ଭଲମନ୍ଦର ଜ୍ଞାନ ପ୍ରାପ୍ତ ପୂର୍ଣ୍ଣବୟସ୍କମାନେ ଶିକ୍ଷିତ ହୋଇ ବାପ୍ତିଜିତ ହେବା ଆବଶ୍ୟକ । ଶିଶୁ ସମୟରେ ଗ୍ରହଣ କରିଥିବା ଛିଞ୍ଚା ବାପ୍ତିସ୍ମ; ଶାସ୍ତ୍ରାନୁଯାୟୀ ବାପ୍ତିସ୍ମ ନୁହେଁ ।

୩) **ଯେଉଁମାନେ ପ୍ରାର୍ଥନା ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇଅଛନ୍ତି ବୋଲି ବିଶ୍ୱାସ କରୁଅଛନ୍ତି :–** ଜଣେ ଫାରୁଶୀ ଓ କରଗ୍ରାହୀ ମନ୍ଦିରରେ ପ୍ରାର୍ଥନା କରିବାର ଘଟଣା ଆମ୍ଭେମାନେ ଲୂକ ୧୮:୯-୧୪ ପଦରେ ପଢ଼ିଥାଉ । କରଗ୍ରାହୀ ଆପଣା ନମ୍ର ପ୍ରାର୍ଥନା ଯୋଗୁଁ ଧାର୍ମିକ ଗଣିତ ହୋଇଥିଲେ । ତେଣୁକରି ଅନେକ ନମ୍ରତା ସହ ପ୍ରାର୍ଥନା କଲେ, ଧାର୍ମିକ ଗଣିତ ହୁଅନ୍ତି ବୋଲି ବିଶ୍ୱାସ କରନ୍ତି । କିନ୍ତୁ ସୁସମାଚାରର ଆଜ୍ଞାବହ ନ ହୋଇ କୌଣସି ବ୍ୟକ୍ତି ପରିତ୍ରାଣ ପାଇ ନ ପାରେ ।

ପରିତ୍ରାଣ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକଙ୍କୁ ସୁସମାଚାରର ଆଜ୍ଞାବହ ହେବା ଆବଶ୍ୟକ । ନଚେତ୍, ଆମ୍ଭମାନଙ୍କ ଆତ୍ମା ଅନନ୍ତ ଅଗ୍ନିରେ ନିକ୍ଷିପ୍ତ ହେବ । (୨ ଥେସ ୧:୭-୯)

ଆପଣ ଯଦି ଏବେ ପର୍ଯ୍ୟନ୍ତ ସୁସମାଚାରର ଆଜ୍ଞାବହ ହୋଇନାହୁଁ, ବର୍ତ୍ତମାନ ହିଁ ସେହି ସୁବର୍ଣ୍ଣ ସୁଯୋଗ ! ସୁସମାଚାରର ଆଜ୍ଞାବହ ହୋଇ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦତ୍ତ ପରିତ୍ରାଣ ପ୍ରାପ୍ତ ହୁଅ ।

*- Clayton Pepper*

❋❋❋

# ଶାଉଲ କେବେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ?

## (When was Paul Saved ?)

ଅନେକ ଧର୍ମ ପ୍ରଚାରକ ଓ ଧାର୍ମିକ ନେତାମାନେ ପାଉଲ, ଦାମେସ୍କକ ରାସ୍ତାରେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ବୋଲି ଶିକ୍ଷା ଦିଅନ୍ତି । ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ଦ୍ୱାରା ସେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ବୋଲି ସେମାନେ ମନେ କରନ୍ତି । ଏହା କି ସତ୍ୟ ? ଯୀଶୁଖ୍ରୀଷ୍ଟ ତାହାଙ୍କୁ ଦର୍ଶନ ଦେବା ସମୟରେ ସେ ପରିତ୍ରାଣ ପ୍ରାପ୍ତ ହେବାର ପ୍ରମାଣ କଅଣ ?

ଏହି ତଥ୍ୟକୁ ପ୍ରମାଣ କରିବା ନିମନ୍ତେ ସେମାନେ ତିନୋଟି କାରଣ ଉପସ୍ଥାପନ କରନ୍ତି :- (୧) ପାଉଲଙ୍କୁ ପରିତ୍ରାଣ ଦେବା ନିମନ୍ତେ ଯୀଶୁଖ୍ରୀଷ୍ଟ ତାହାଙ୍କୁ ଦର୍ଶନ ଦେଇଥିଲେ । (୨) ପରିତ୍ରାଣର ମୁଦ୍ରାରୂପେ ଯୀଶୁଖ୍ରୀଷ୍ଟ ତାହାଙ୍କୁ ପବିତ୍ର ଆତ୍ମାଙ୍କୁ ଦେଇଥିଲେ । (୩) ହନନିୟଙ୍କ ନିକଟକୁ ପାଉଲ ଯିବା ସମୟରେ ସେ ତାହାଙ୍କୁ 'ଭାଇ ଶାଉଲ' ବୋଲି ସମ୍ବୋଧନ କରିଥିଲେ ।

ନୂତନ ନିୟମରେ ପାଉଲଙ୍କୁ ପରିତ୍ରାଣ ଦେବା ନିମନ୍ତେ ଯୀଶୁଖ୍ରୀଷ୍ଟ ତାହାଙ୍କୁ ଦର୍ଶନ ଦେଇଥିଲେ ବୋଲି ଲିଖିତ ହୋଇନାହିଁ । ଏହା କେବଳ ସେମାନଙ୍କ ସ୍ୱମତ କିନ୍ତୁ ସତ୍ୟ ଉପରେ ଆଧାରିତ ନୁହେଁ । କିଅବା ପ୍ରଭୁଯୀଶୁ କୌଣସି ବ୍ୟକ୍ତିଙ୍କୁ ପରିତ୍ରାଣ ଦେବା ନିମନ୍ତେ ଦର୍ଶନ ଦେଇଥିଲେ ବୋଲି ଲିଖିତ ହୋଇନାହିଁ । ପରମେଶ୍ୱରଙ୍କ ଦ୍ୱାରା ଚାଳିତ ପ୍ରଚାରକ ମାନେ ଯୀଶୁ ଓ ତାହାଙ୍କ ପରିତ୍ରାଣ ବିଷୟରେ ପ୍ରଚାର କରିଥିଲେ । (ପ୍ରେରିତ ୨:୩୬-୩୮, ପ୍ରେରିତ ୮:୧୨, ୩୫-୩୯, ୧୧:୧୪)

ପାଉଲଙ୍କ ଜୀବନରେ ମଧ୍ୟ ଏହା ସତ୍ୟ ଅଟେ । ଯୀଶୁ ପାଉଲଙ୍କୁ ଦର୍ଶନ ଦେଇ କହିଲେ, "......ଉଠ, ନଗରରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ, କୁହାଯିବ ।" (ପ୍ରେରିତ ୯:୬) ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରେରିତ ହନନିୟ ତାହାଙ୍କୁ କହିଲେ, "ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରିତ ୨୨:୧୬)

ଯୀଶୁ ପାଉଲଙ୍କୁ ଦର୍ଶନ ଦେଇ କହିଲେ, "କିନ୍ତୁ ଉଠ, ପାଦରେ ଭରା ଦେଇ ଠିଆ ହୁଅ, କାରଣ ଆମ୍ଭେ ତୁମ୍ଭକୁ ଆମ୍ଭର ସେବକ, ଆଉ ତୁମ୍ଭେ ଆମ୍ଭର ଯେଉଁ ଯେଉଁ ଦର୍ଶନ ପାଇଅଛ ଓ ପାଇବ, ସେହି ସମସ୍ତ ବିଷୟର ସାକ୍ଷୀ ସ୍ୱରୂପେ ମନୋନୀତ କରିବା ଉଦ୍ଦେଶ୍ୟରେ ତୁମ୍ଭକୁ ଦର୍ଶନ ଦେଇଅଛୁ । (ପ୍ରେରିତ ୨୬:୧୬) । ଏହା ତାହାଙ୍କ ପ୍ରେରିତ କର୍ମ ନିମନ୍ତେ ଡାକରା । ସେ ଅନ୍ୟ ପ୍ରେରିତମାନଙ୍କ ସଦୃଶ୍ୟ, ପୁନଃରୁତ୍ଥିତ ଯୀଶୁଙ୍କୁ ସ୍ୱଚକ୍ଷୁରେ ଦେଖି ନ ଥିଲେ । (ପ୍ରେରିତ ୧:୨୨) କିନ୍ତୁ ସେ ଏହି ଦର୍ଶନ ଦ୍ୱାରା ଯୀଶୁଙ୍କୁ ସ୍ୱଚକ୍ଷୁରେ ଦେଖି ପ୍ରେରିତ ରୂପେ ପରିଗଣିତ ହୋଇଥିଲେ । (୧ମ କରିନ୍ଥୀ ୯:୧)

ପାଉଲ ପ୍ରଭୁଯୀଶୁଙ୍କୁ ଦର୍ଶନ ପାଇବା ସମୟରେ ପବିତ୍ର ଆତ୍ମାଙ୍କୁ ପାଇ ନଥିଲେ । ପ୍ରେରିତ ୯:୯ ଓ ୧୭ ପଦରୁ ହନନୀୟଙ୍କ ଦ୍ୱାରା ବାପ୍ତିଜିତ ହେବା ପର୍ଯ୍ୟନ୍ତ ସେ ପବିତ୍ର ଆତ୍ମା ପ୍ରାପ୍ତ ହୋଇ ନ ଥିଲେ ବୋଲି ଜାଣିପାରୁ ।

ଅନ୍ୟମାନେ ଯେରୂପେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କରିଥିଲେ, ପାଉଲ ମଧ୍ୟ ସେରୂପେ ଗ୍ରହଣ କରିଥିଲେ । ଯେଉଁମାନେ ଯୀଶୁଙ୍କ ବାକ୍ୟ ଗ୍ରହଣ କରିଥିଲେ (ପ୍ରେରିତ ୫:୩୨), ବାପ୍ତିଜିତ ହୋଇଥିଲେ (ପ୍ରେରିତ ୨:୩୮), ଈଶ୍ୱରଙ୍କ ସନ୍ତାନ ରୂପେ ପରିଗଣିତ ହେଲେ, ସେମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୋଇଥିଲେ । ବିଜାତୀୟମାନେ ସୁଦ୍ଧା ଇସ୍ରାଏଲୀୟମାନଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ଗ୍ରାହ୍ୟଯୋଗ୍ୟ ବୋଲି ସୂଚାଇବା ନିମନ୍ତେ, ପ୍ରଥମ ବିଜାତୀୟ କାଇସରିଆର କର୍ଣ୍ଣଲୀୟଙ୍କ ପରିବର୍ତ୍ତନ ଓ ପବିତ୍ର ଆତ୍ମା ପ୍ରାପ୍ତିର ବିବରଣ, ନୂତନ ନିୟମରେ ଲିଖିତ ହୋଇଅଛି । (ପ୍ରେରିତ ୧୦:୪୭, ୧୧:୧୭, ୧୫:୭,୮)

ହନନୀୟ, ପାଉଲଙ୍କୁ 'ଭାଇ ଶାଉଲ' ବୋଲି ସମ୍ବୋଧନ କରିଥିବାର ଅର୍ଥ ଏହା ନୁହେଁ ଯେ, ସେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ । ପ୍ରେରିତ ପିତର, ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଉପସ୍ଥିତ ଯିହୁଦୀମାନଙ୍କୁ 'ହେ ଭାଇମାନେ ବୋଲି ସମ୍ବୋଧନ କରି, ପରେ କହିଲେ, ''ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପାଇବେ ।'' (ପ୍ରେରିତ ୨:୩୮)

ଏକ ଜାତିରୁ ଜନ୍ମ ଗ୍ରହଣ କରିଥିବାରୁ ପିତର, (ପ୍ରେରିତ ୩:୧୭), ସ୍ତିପାନ (ପ୍ରେରିତ ୭:୨) ଏବଂ ପାଉଲ (ପ୍ରେରିତ ୧୩:୨୬, ୩୮, ୨୨:୧, ୨୩:୧, ୫:୬, ୨୮:୧୭) ଯିହୂଦୀମାନଙ୍କୁ 'ଭାଇ' ବୋଲି ସମ୍ବୋଧନ କରୁଥିଲେ । ହନନୀୟ, ପାଉଲଙ୍କୁ ଏହି ଭାବରେ 'ଭାଇ' ବୋଲି ସମ୍ବୋଧନ କରିଥିଲେ ।

ହନନୀୟଙ୍କ ଅନୁଯାୟୀ, ପାଉଲ ବାପ୍ତିଜିତ ନ ହେବା ପର୍ଯ୍ୟନ୍ତ ପାପରୁ ମୁକ୍ତ ହୋଇ ନ ଥିଲେ । (ପ୍ରେରିତ ୨୨:୧୬) । ଦାମେସ୍କକ ରାସ୍ତାରେ ପାଉଲଙ୍କ ପାପକ୍ଷମା ହୋଇ ନ ଥିଲା, ବରଂ ବାପ୍ତିସ୍ମ ଦ୍ୱାରା ସେ ଯେତେବେଳେ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ନିକଟକୁ ଆସିଥିଲେ, ସେତେବେଳେ ସେ ପାପରୁ ମୁକ୍ତ ହୋଇ ପରିତ୍ରାରଣ ପ୍ରାପ୍ତ ହୋଇଥିଲେ, (ମାର୍କ ୧୬:୧୬, ୧ମ ପିତର ୩:୨୧) ।

ପରମେଶ୍ୱର ପକ୍ଷପାତୀ ନୁହନ୍ତି । ପାପକ୍ଷମା ନିମନ୍ତେ ଆମ୍ଭମାନଙ୍କୁ ଯୀଶୁଖ୍ରୀଷ୍ଟ ଆଜ୍ଞାବହ ହେବା ଆବଶ୍ୟକ । (ଏବ୍ରୀ ୫:୯) । ସେ ସର୍ବସୃଷ୍ଟିର ସର୍ବାଧିକାରୀ ଅଟନ୍ତି । (ମାଥିଉ ୨୮:୧୮-୨୦) । ସେ ପରିତ୍ରାଣ ପ୍ରାପ୍ତି ନିମନ୍ତେ, ତାହାଙ୍କ ଠାରେ ବିଶ୍ୱାସ କରି ବାପ୍ତିଜିତ ହେବା ନିମନ୍ତେ ଆଜ୍ଞା ଦେଇଅଛନ୍ତି । (ମାର୍କ ୧୬:୧୫,୧୬) । ଏହିପରି ଭାବେ ପାଉଲ ବାପ୍ତିଜିତ ହୋଇ ପାପରୁ ମୁକ୍ତ ହୋଇ ପରିତ୍ରାଣ ପ୍ରାପ୍ତ ହୋଇଥିଲେ । (ପ୍ରେରିତ ୨୨:୧୬)

***- Owen D. Olbricht***

❋❋❋

# ଧାର୍ମିକ କିଏ ?
## (Who is righteous ?)

ଧାର୍ମିକ କିଏ ? ''.......ଧାର୍ମିକ କେହି ନାହିଁ, ନା, ଜଣେ ସୁଦ୍ଧା ନାହିଁ ?'' (ରୋମୀୟ ୩:୧୦) ପ୍ରତ୍ୟେକ ପାପ କରି ଅଛନ୍ତି ଓ ପାପୀ ଓ ଧାର୍ମିକ ପରସ୍ପର ବିପରୀତ । ଯେଉଁମାନେ ପରମେଶ୍ୱରଙ୍କ ବାକ୍ୟ ପାଳନ କରନ୍ତି ନାହିଁ ସେମାନେ ଧାର୍ମିକ ଗଣିତ ହୁଅନ୍ତି ନାହିଁ ।

ପରମେଶ୍ୱରଙ୍କ ଦ୍ୱାରା ମନୁଷ୍ୟ କିପରି ଧାର୍ମିକ ଗଣିତ ହୋଇପାରିବ ? ସିଦ୍ଧାନ୍ତ ଭାବେ, ଯେଉଁମାନେ କେବେ ବି ପାପ କରିନାହାନ୍ତି ସେମାନେ ଧାର୍ମିକ ଭାବେ ପରିଗଣିତ ହେବେ । ପାପୀମାନେ ଦୋଷୀ ଅଟନ୍ତି, ଧାର୍ମିକ ରୂପେ ପରିଗଣିତ ହୋଇପାରିବେ ନାହିଁ । ଆପଣା ଧର୍ମକର୍ମାନୁଯାୟୀ ଧାର୍ମିକ ରୂପେ ପରିଗଣିତ ହେବା ନିମନ୍ତେ, ମନୁଷ୍ୟକୁ ପାପରହିତ ଜୀବନଯାପନ କରିବା ଆବଶ୍ୟକ । ସମସ୍ତେ ମନୁଷ୍ୟ ପାପ କରିଥିବାରୁ ଆପଣା ସ୍ୱଧର୍ମାନୁଯାୟୀ କେହି ଧାର୍ମିକ ଭାବେ ପରିଗଣିତ ହୋଇପାରିବେ ନାହିଁ ।

ଅନେକେ ପରମେଶ୍ୱରଙ୍କ ବ୍ୟବସ୍ଥା ଶାସ୍ତ୍ର ପାଳନ କରିବା ଦ୍ୱାରା ଧାର୍ମିକ ରୂପେ ପରିଗଣିତ ହେବେ ବୋଲି ମନେ କରନ୍ତି । ଫାରୂଶୀମାନେ ଏହି ବର୍ଗର ଅନ୍ତର୍ଭୁକ୍ତ । ପାଉଲ କହନ୍ତି,''ଯେଣୁ ଈଶ୍ୱର ଦତ୍ତ ଧାର୍ମିକତା, ବିଷୟରେ ଅଜ୍ଞ ହୋଇ ଓ ଆପଣା ଆପଣା ଧାର୍ମିକତା ସ୍ଥାପନ କରିବାକୁ ଚେଷ୍ଟା କରି ସେମାନେ ଈଶ୍ୱର ଦତ୍ତ ଧାର୍ମିକତାର ବଶୀଭୂତ ହୋଇ ନାହାନ୍ତି ।'' (ରୋମୀୟ ୧୦:୩)

ଆପଣା ଆପଣା ସ୍ୱନୀତି ଦ୍ୱାରା ଆମ୍ଭେମାନେ, ଈଶ୍ୱରଦତ୍ତ ଧାର୍ମିକତା ପ୍ରାପ୍ତ ହୋଇ ନ ପାରୁ । (ଲୂକ ୧୮:୯-୧୪) । ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଦତ୍ତ ଧାର୍ମିକତା ପ୍ରାପ୍ତି ନିମନ୍ତେ, ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ଉଚିତ ।

ଧାର୍ମିକ କିଏ ? ''ହେ ବତ୍ସଗଣ, କେହି ତୁମ୍ଭମାନଙ୍କୁ ଭ୍ରାନ୍ତ ନ କରୁ, ଯେ ଧର୍ମାଚରଣ କରେ, ସେ ଯେପରି ଧାର୍ମିକ ଅଟନ୍ତି, ସେ ସେହିପରି ଧାର୍ମିକ ଅଟେ.....ଏଥିରେ କିଏ ଈଶ୍ୱରଙ୍କ ସନ୍ତାନ ଓ କିଏ ଶୟତାନର ସନ୍ତାନ, ଏହା ପ୍ରକାଶିତ ହୁଏ । ଯେକେହି ଧର୍ମାଚରଣ କରେ ନାହିଁ, କିଅବା ଆପଣା ଭାଇକୁ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କ

ଠାରୁ ଜାତ ନୁହେଁ ।'' (୧ମ ଯୋହନ ୩:୭,୧୦) ଆମ୍ଭମାନଙ୍କ ଦୈନିକ ଆଚାର ବ୍ୟବହାରରେ ଆମ୍ଭେମାନେ ଅଧାର୍ମିକ କର୍ମ କଲେ, ଆମ୍ଭେମାନେ ପରମେଶ୍ୱରଙ୍କୁ ଜାଣି ନାହୁଁ ।

**ମନୁଷ୍ୟର ଆତ୍ମା ସହିତ ପରମେଶ୍ୱରଙ୍କ ସମ୍ବନ୍ଧ :–** ଦେହରେ ଯାହା କରୁ ତାହା ଆତ୍ମା ଉପରେ ପ୍ରଭାବ କରେ ନାହିଁ ବୋଲି ଅନେକଙ୍କ ମନୋଭାବ । ଯେ ତାହାଙ୍କ ଆଜ୍ଞା ପାଳନ କରେ, ସେ ଈଶ୍ୱରଙ୍କ ଠାରୁ ଜାତ । (୧ମ ଯୋହନ ୩:୨୪) ''ସେ ଧାର୍ମିକ ଅଟନ୍ତି, ଏହା ଯଦି ଜାଣ, ତେବେ ଯେକେହି ଧର୍ମାଚରଣ କରେ, ସେ ଯେ ତାହାଙ୍କ ଠାରୁ ଜାତ ଏହା ମଧ୍ୟ ଜାଣ ।'' (୧ମ ଯୋହନ ୨:୨୯) । ଯୀଶୁଙ୍କ ଠାରେ ରହିବା ନିମନ୍ତେ, ତାହାଙ୍କ ପରି ଆଚରଣ କରିବା ମଧ୍ୟ ଆବଶ୍ୟକ । (୧ମ ଯୋହନ ୨:୬)

ଧାର୍ମିକ ଜୀବନଯାପନ ବା ଅଧାର୍ମିକ ଜୀବନଯାପନ ପରମେଶ୍ୱରଙ୍କ ସହ ଆମ୍ଭମାନଙ୍କ ସମ୍ବନ୍ଧରେ ପାର୍ଥକ୍ୟ ଆଣେ ନାହିଁ ବୋଲି ବିଶ୍ୱାସ କରିବାକୁ ଇଚ୍ଛୁକ ଲୋକେ, ବାଇବଲର ବାକ୍ୟ ଭ୍ରୁକ୍ଷେପ କରିବା ଆବଶ୍ୟକ ନାହିଁ । କାରଣ ଯୀଶୁ କହନ୍ତି,''ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ ।'' (ମାଥିଉ ୭:୨୧) । ''ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।'' (ଯୋହନ ୧୪:୧୫) । ''....ଏହା କର, ତାହା ହେଲେ ତୁମ୍ଭେ ଜୀବନ ପାଇବ ।'' (ଲୁକ ୧୦:୨୮)

ଆପଣଙ୍କ ବିଶ୍ୱାସ, ଆପଣଙ୍କ ସିଦ୍ଧାନ୍ତ ଯାହା ବି ହେଉ, ଆପଣ ପାପ ଓ ଅପରାଧରେ ଜୀବନଯାପନ କଲେ ନିଶ୍ଚିତ ଭାବେ ବିନଷ୍ଟ ହେବେ । ପରମେଶ୍ୱରଙ୍କୁ ଜାଣୁ ବୋଲି କହି, ଯଦି ଆମ୍ଭମାନଙ୍କ ଜୀବନରେ କିଛି ପରିବର୍ତ୍ତନ ନାହିଁ, ଆମ୍ଭମାନଙ୍କ ଜୀବନ ବୃଥା । ଆମ୍ଭେମାନେ ମନୁଷ୍ୟକୁ ଭ୍ରାନ୍ତ କରିପାରୁ, କିନ୍ତୁ ପରମେଶ୍ୱରଙ୍କୁ ନୁହେଁ । (ଗାଲାତୀ ୬:୭) । ଯଦି ଆମ୍ଭେମାନେ ଆପଣା ଦୃଷ୍ଟିରେ ଧାର୍ମିକ ଗଣିତ ହୋଇ ଆପଣାକୁ ଉନ୍ନତ କରୁଅଛୁ, ପରମେଶ୍ୱର ଆମ୍ଭମାନଙ୍କୁ ନିଶ୍ଚିତ ଭାବେ ଅବନତ କରିବେ (ମାଥିଉ ୨୩:୧୨) ।

*- Cecil May Jr.*

❋❋❋

**Edited & Published by : Kabita & Joshua Gootam**

# WATCH

2 Timothy 4:5

INTRODUCTION :

1. In Bible times it was customary to have a watch-tower connected with vineyard.
2. The watchman also played a promient role in times of war.
3. Today we are well aware of what it means to watch in this period of emergency.
4. We are taught in God' s word to watch in all things.(2 Timothy 4:5).

DISCUSSION :

I. The Meaning of Watch.

1. The word watch,as is commonly used in the New Testment,is directed to the Christian.
2. It means to be alert,to give attention, to be busy,active,industrious.
3. It means to be careful,to be on guard,to not be found sleeping.
4. It suggests that we have enemies and we must watch lest they come upon us and destroy us.

II. We shouid keep in mind that there are those who are Watching us.

1. God is watching us.
2. The enemy is watching us.
3. The church is watching us.
4. Our friends are watching us.
5. Our family is watching us.

III. We must be watchmen.

1. We must watch for the enemy.
2. We must watch ourselves.
   a. Our thoughts.
   b. Our speech.
   c. Our appearance.
   d. Our action.
3. We must look for the Lord's return.

IV. The seriousness of our watching.

1. To watch day and night.
2. To watch with prayer.
3. To watch for our soul.

V. What the Bible Says.

1. Jesus told the apostles.

a. Watch with me.(Matthew 26:38).
b. Watch and pray that ye enter not into tempt-ation.(Matthey 26:41).
c. Watch therefore. (Matthew 24:42).
d. Watch.(Mark 13:37).
2. Lessons that teach watching.
a. The shepherd and the sheep.(John 10).
b. The ten virgins.(Matthew 25:1-13).
3. Blessed are those whom the Lord will find watch-in when he comes.(Luck 12:37,28).
4. Watch with all perservence.(Ephesians 6:18).
5. Continue in prayer and watch.(Colossians 4:2).
6. Not to sleep,as others, but to watch.(1 Thessalonians 5:6).
7. Watch in all things.(2 Timothy 4:5).
8. Watch unto prayer.(1 Peter 4:7).
9. Blessed is he that watches. (Revelation 16:15).

CONCLUSION :

1. Those who do not warch will suffer the consequ-ences.
2. Are you watching ?

*J. C. Choate*

Printed Book Only

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)